## ଗଜପତିରେ ୧୪ ସଂକ୍ରମିତ

**ପାରଳାଖେମୁଣ୍ଡି,(ଡି.ଏନ୍.ଏ.):** ଗଜପତି ଜିଲାରେ ଶନିବାର ୧୨୧୭ ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଥିଲା। ସେଥିରୁ ୧୪ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯,୧୭୫ରେ ପହଞ୍ଚି ଥିବା ବେଳେ ୯,୦୨୨ ଜଣ ସୁସ୍ଥ ହୋଇଥିବା ଜଣାପଡ଼ିଛି। ଆକ୍ରାନ୍ତଙ୍କ ମଧ୍ୟରୁ ପାରଳାଖେମୁଣ୍ଡିରେ ଜଣେ, ଗୋଷାଣୀ ବ୍ଲକରେ ଜଣେ, ଗୁମ୍ମା ବ୍ଲକରେ ୨, କାଶୀନଗର ବ୍ଲକରେ ୫, ନୂଆଗଡ଼ ବ୍ଲକରେ ଜଣେ, ରାୟଗଡ଼ ବ୍ଲକରେ ଜଣେ ଏବଂ ଜିଲା ବାହାରୁ ୩ ଜଣ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରୁ ୬ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବେଳେ ୭ କୋଭିଡ୍ ପରୀକ୍ଷାରେ ଏବଂ ବାହାରକୁ ଯିବା ସମୟରେ ଜଣେ ଚିହ୍ନଟ ହୋଇଛନ୍ତି। ଇତିମଧ୍ୟରେ ୨୫ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

## ସଂକ୍ଷେପରେ

### ଗଞ୍ଜାମରେ ୩୨୭ ଜୀବନ ନେଲାଣି କରୋନା

**ଛତ୍ରପୁର,୨୭।୬(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ କରୋନାଜନିତ ମୃତ୍ୟୁ ଥମୁନି। ଜିଲାରେ ଆଉ ୨ କରୋନା ରୋଗୀଙ୍କ ମୃତ୍ୟୁ ହୋଇଥିବା ରବିବାର ସୂଚନା ଦିଆଯାଇଛି। ଏହାକୁ ମିଶାଇ କରୋନା ଦ୍ୱିତୀୟ ଲହରରେ ଜିଲାର ୭୯ ଜଣଙ୍କ ଜୀବନ ଗଲାଣି। ଅନ୍ୟପକ୍ଷରେ ପ୍ରଥମ ଓ ଦ୍ୱିତୀୟ ଲହରରେ କରୋନା ଏ ଯାବତ ୩୨୭ ଜଣଙ୍କ ଜୀବନ ନେଲାଣି। ସେପଟେ ଜିଲାରେ ପୁଣି ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୨୭ ଜଣ କରୋନାରୁ ଆରୋଗ୍ୟ ହୋଇଛନ୍ତି। ଜିଲାରେ ୧୫୭ ଜଣ ସକ୍ରିୟ କରୋନା ରୋଗୀ ଥିବା ସୂଚନା ଦିଆଯାଇଛି। ଶନିବାର ୨ ହଜାର ୩୨୦ ଜଣଙ୍କ କରୋନା ଟେଷ୍ଟ ହୋଇଥିଲା।

### ଗୋପାଳପୁରଠାରୁ ଦୀଘା ଉପକୂଳ ରାଜପଥ ନିର୍ମାଣ ଦାବି

**ବ୍ରହ୍ମପୁର ଅଫିସ,୨୭।୬:** ଗୋପାଳପୁରଠାରୁ ପଶ୍ଚିମବଙ୍ଗର ଦୀଘା ପର୍ଯ୍ୟନ୍ତ ଉପକୂଳ ରାଜପଥ ନିର୍ମାଣ ପାଇଁ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଦାବି କରିଛି। ସଂଘ ପକ୍ଷରୁ କୁହାଯାଇଛି,୨୦୧୪ରେ ଗୋପାଳପୁରଠାରୁ ପଶ୍ଚିମବଙ୍ଗର ଦୀଘା ପର୍ଯ୍ୟନ୍ତ ଉପକୂଳ ରାଜପଥ କରାଯିବା ନିମନ୍ତେ କେନ୍ଦ୍ର ସରକାର ୫ ହଜାର କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହାର ଦାୟିତ୍ୱଭାର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ଦୀର୍ଘ ୭ ବର୍ଷ ପରେ ରାଜ୍ୟ ସରକାର ଏହି ନକ୍ସାକୁ ପରିବର୍ତ୍ତନ କରିଛନ୍ତି। ବର୍ତ୍ତମାନ ଖୋର୍ଦ୍ଧା ଜିଲା ଟାଙ୍ଗୀଠାରୁ ଦୀଘା ଯାଏ ଉପକୂଳ ରାଜପଥ ନିର୍ମାଣ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଯାହା ଦକ୍ଷିଣ ଓଡ଼ିଶାବାସୀଙ୍କ ପ୍ରତି କୁଠାରାଘାତ କରିଛି ବୋଲି ସଂଘ କହିଛି। ଗୋପାଳପୁରଠାରୁ ଦୀଘା ଯାଏ ଉପକୂଳ ରାଜପଥ ନିର୍ମାଣ ହୋଇଥିଲେ ଦକ୍ଷିଣ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ବିକାଶ ଓ ଗୋପାଳପୁର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଗଣିତ ହୋଇଥାନ୍ତା। ଏଣୁ ରାଜ୍ୟ ସରକାର ଏହାର ପୁନର୍ବିଚାର କରି ପୂର୍ବ ନିଷ୍ପତ୍ତି ପ୍ରକାରେ ଗୋପାଳପୁରଠାରୁ ଦୀଘା ଯାଏ ଉପକୂଳ ରାଜପଥ ନିର୍ମାଣ ପାଇଁ ପରିଷଦ ଆବାହକ ରବି ରଥ ଦାବି କରିଛନ୍ତି।

# ଶିଶୁଙ୍କ ଲାଗି ଶଯ୍ୟା ସଂରକ୍ଷିତ

- ତୃତୀୟ ଲହର ପାଇଁ ପ୍ରସ୍ତୁତି
- ଶୀଘ୍ର ଆସିଯିବ ଆବଶ୍ୟକ ସରଞ୍ଜାମ

**ବ୍ରହ୍ମପୁର ଅଫିସ,୨୭।୬**

ଗଞ୍ଜାମ ଜିଲାରେ କରୋନା ଦ୍ୱିତୀୟ ଲହରରେ ସଂକ୍ରମଣ କିଛିଟା ନିୟନ୍ତ୍ରଣରେ ରହିଛି। କିନ୍ତୁ ଆଗକୁ ତୃତୀୟ ଲହର ସଂକ୍ରମଣ ସଂଖ୍ୟା ବଢ଼ିବ ବୋଲି ବିଶେଷଜ୍ଞମାନେ ଏବେଠୁ ମତ ଦେଉଛନ୍ତି। ତୃତୀୟ ଲହର ଶିଶୁମାନଙ୍କ ପାଇଁ ଅଧିକ ଘାତକ ହେବ ବୋଲି ଆଶଙ୍କା କରାଯାଉଛି। ଏହାର ମୁକାବିଲା ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଶିଶୁମାନଙ୍କ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲ କୋଭିଡ୍ ହସ୍ପିଟାଲ (ଡିସିଏଚ୍)-୧ରେ ୫୦ ଶଯ୍ୟା ସଂରକ୍ଷିତ ରଖାଯାଇଛି। ଏଥିପାଇଁ ଏମ୍‌କେସିଜି ମେଡିକାଲର ବରିଷ୍ଠ ଡାକ୍ତର ଓ ଅଧିକାରୀମାନେ କୋଭିଡ୍ ହସ୍ପିଟାଲ୍-୧ ପରିଦର୍ଶନ କରିଛନ୍ତି। ସେଠାରେ ଥିବା ୧୫୦ ଶଯ୍ୟାରୁ କରୋନା ସଂକ୍ରମିତ ଶିଶୁଙ୍କ ପାଇଁ କେଉଁଠି ୫୦ ଶଯ୍ୟା ପ୍ରସ୍ତୁତ କରାଯିବ ତାହା ଅନୁଧ୍ୟାନ କରିଥିଲେ। ସେଥିରୁ ୨୦ ସାଧାରଣ ଶଯ୍ୟା, ୧୦ ସ୍ୱତନ୍ତ୍ର ଯତ୍ନ ଶଯ୍ୟା, ୧୦ଏସ୍‌ଏନ୍‌ସିୟୁ ଓ ୧୦ ଏଚ୍‌ଡିୟୁ ରହିବ ବୋଲି ସୂଚନା ମିଳିଛି। ଏହାଦ୍ୱାରା ନବଜାତକଙ୍କ ସହ ସମସ୍ତ ଶିଶୁଙ୍କୁ ଆବଶ୍ୟକ ଚିକିତ୍ସା ମିଳିପାରିବ ବୋଲି କୁହାଯାଇଛି। କୋଭିଡ୍ ହସ୍ପିଟାଲ୍-୧ ପ୍ରସୂତି ବିଭାଗ ନିକଟରେ ଥିବାରୁ ସେଠାରେ ଶିଶୁଙ୍କୁ ରଖି ଚିକିତ୍ସା କରାଗଲେ ସୁବିଧା ହେବ ବୋଲି କୁହାଯାଇଛି। ଶିଶୁଙ୍କ ଚିକିତ୍ସାରେ ଦରକାର ସରଞ୍ଜାମଗୁଡିକ ହେଲା ନିଓନାଟଲ ଭେଣ୍ଟିଲେଟର, ବଡି ୱାର୍ମର, ସିରିଞ୍ଜ ପମ୍ପ, ଇନଫ୍ୟୁଜନ ପମ୍ପ ଓ ମନିଟର। ଏହି ସରଞ୍ଜାମଗୁଡିକ ଯୋଗାଇ ଦେବାକୁ ରାଜ୍ୟ ଔଷଧ ନିଗମକୁ ଚିଠି ଲେଖାଯାଇଛି। ଦ୍ୱିତୀୟ ଲହରରେ ବର୍ତ୍ତମାନ ସୁଦ୍ଧା ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଦୁଇଜଣ ନବଜାତ ଶିଶୁ ଓ ଜଣେ ୧୦ବର୍ଷର ଶିଶୁଙ୍କ ମୃତ୍ୟୁ ଘଟି ସାରିଲାଣି। ସେହିପରି ଆହୁରି କେତେଜଣ ଶିଶୁ ସେଠାରେ ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କରିଛନ୍ତି। ଏନେଇ ଅଧୀକ୍ଷକ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ର କୁହନ୍ତି, ଡିସିଏଚ୍ -୧ରେ ଶିଶୁମାନଙ୍କ ପାଇଁ ୫୦ ଶଯ୍ୟା ସଂରକ୍ଷିତ ରଖାଯାଇଛି। ବର୍ତ୍ତମାନ ସେଠାରେ କୋଭିଡ୍ ପଜିଟିଭ ୪ ଜଣ ପ୍ରସୂତି ଓ ଜଣେ ୧୩ ବର୍ଷର ଶିଶୁ ଚିକିତ୍ସିତ ହେଉଛନ୍ତି। ରାଜ୍ୟ ଔଷଧ ନିଗମକୁ ଶିଶୁମାନଙ୍କ ଚିକିତ୍ସା ପାଇଁ ଆବଶ୍ୟକ ସରଞ୍ଜାମ ଯୋଗାଇ ଦେବାକୁ ଚିଠି କରାଯାଇଛି। ଖୁବଶୀଘ୍ର ଏହି ସବୁ ସରଞ୍ଜାମ ଆସିଯିବ ବୋଲି ସେ ଆଶା କରୁଥିବା କହିଛନ୍ତି।

# ସୁଜାତା ଗଞ୍ଜାମ ଜିଲା ମହିଳା ବିଜେଡି ସଭାନେତ୍ରୀ


ସୁଜାତା ପାତ୍ର


କେ. ମାଧବୀ


ମମତା ବିଶୋୟୀ

**ବ୍ରହ୍ମପୁର ଅଫିସ,୨୭।୬**

ମହିଳା ବିଜେଡିର ନୂଆ କର୍ମକର୍ତ୍ତା ଘୋଷଣା ହୋଇଛି। ଗଞ୍ଜାମ ଜିଲା ସଂଗଠନ ସଭାନେତ୍ରୀ ହୋଇଛନ୍ତି ଏମ୍. ସୁଜାତା ପାତ୍ର। ରାଜ୍ୟ ସଂଗଠନର ପୂର୍ବତନ ଉପସଭାନେତ୍ରୀ ମମତା ବିଶୋୟୀଙ୍କୁ ଜୋନ ସଭାନେତ୍ରୀ କରାଯାଇଛି। ସେ ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲା ଦାୟିତ୍ୱ ତୁଲାଇବେ। ସେହିପରି ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ପୂର୍ବତନ ମେୟର କେ. ମାଧବୀଙ୍କୁ ରାଜ୍ୟ ଉପସଭାନେତ୍ରୀ କରାଯାଇଛି। ବ୍ରହ୍ମପୁର ସହରର ୩ ନେତ୍ରୀଙ୍କୁ ମହିଳା ବିଜେଡିର କର୍ମକର୍ତ୍ତା କରାଯାଇଥିବାରୁ ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ସ୍ୱାଗତ କରାଯାଇଛି। ସୂଚନାଯୋଗ୍ୟ, ବିଜେଡି ଗଠନ ହେବା ପରେ ପ୍ରଥମ କରି ସଂଖ୍ୟାଲଘୁ ତେଲୁଗୁ ସମ୍ପ୍ରଦାୟର ଦୁଇଜଣ ମାଧବୀ ଓ ସୁଜାତାଙ୍କୁ ମହିଳା ବିଜେଡି ସଂଗଠନର କର୍ମକର୍ତ୍ତା କରାଯାଇଛି।

# ଖଟିଆରେ ଗଲେ ଗର୍ଭବତୀ

## ଗାଁକୁ ରାସ୍ତା ନାହିଁ, ୨ କି.ମି. ଦୂରରେ ଅଟକିଲା ଆମ୍ବୁଲାନ୍ସ

**ଭଞ୍ଜନଗର, ୨୭।୬ (ଡି.ଏନ.ଏ)**

ଗଞ୍ଜାମ ସୀମାରେ ଥିବା କନ୍ଧମାଳ ଜିଲାର କମ୍ବାରୀଗୋଚ୍ଛା ଗ୍ରାମକୁ ପକ୍କା ରାସ୍ତା ନାହିଁ। ଫଳରେ ଗାଁକୁ ଆମ୍ବୁଲାନ୍ସ ଆସିପାରୁନାହିଁ। ଜରୁରୀ ବେଳେ ଆମ୍ବୁଲାନ୍ସ ଡାକିଲେ ତାହା ଗ୍ରାମଠାରୁ ୨ କି.ମି. ଦୂର ରଗାପାଦ ପର୍ଯ୍ୟନ୍ତ ଆସି ଅଟକୁଛି । ଗ୍ରାମବାସୀ ରୋଗୀଙ୍କୁ ଖଟିଆରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣୁଛନ୍ତି। ରବିବାର କମ୍ବାରିଗୋଚ୍ଛାର ଜଣେ ମହିଳାଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ତାଙ୍କୁ ଗାଲେରି ମେଡ଼ିକାଲ ନେବାପାଇଁ ଆମ୍ବୁଲାନ୍ସ ଆସିଥିଲା। ଗ୍ରାମକୁ ପକ୍କା ରାସ୍ତା ନ ଥିବା ଓ ଯେଉଁ ଜଙ୍ଗଲ ରାସ୍ତା ଅଛି ଚାରିଚକିଆ ଗାଡ଼ି ଚଳାଚଳ ପାଇଁ ସୁରକ୍ଷିତ ହୋଇ ନ ଥିବାରୁ ଚାଳକ ଗ୍ରାମ ଠାରୁ ପ୍ରାୟ ୨ କି.ମି. ଦୂର ରଗାପାଦୁ ଗାଁରେ ଆମ୍ବୁଲାନ୍ସ ରଖିଥିଲେ । ସେପଟେ ମହିଳାଙ୍କୁ ଖଟିଆରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିବା ସମୟରେ ବାଟରେ ତାଙ୍କର ପ୍ରସବ ହୋଇଯାଇଥିଲା । ପରେ ଆମ୍ବୁଲାନ୍ସରେ ନବଜାତକ ଓ ପ୍ରସୂତିଙ୍କୁ ଗାଲେରି ମେଡ଼ିକାଲକୁ ଆଣି ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ଥିବାରୁ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି ।


ଗର୍ଭବତୀଙ୍କୁ ଖଟିଆରେ ନିଆଯାଉଛି ।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଆଜିଠୁ

**ଛତ୍ରପୁର,୨୭।୬(ଡି.ଏନ୍.ଏ.)**

କରୋନା ମହାମାରୀ ଯୋଗୁ ଗଞ୍ଜାମ ଜିଲାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା। ସୋମବାରଠାରୁ ଭିଡିଓ କନଫରେନ୍ସ ଏହା ପୁଣି ଆରମ୍ଭ ହେବାକୁ ଯାଉଛି। ମୋ ନିବେଦନ ପ୍ଲାଟଫର୍ମରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଭିଡିଓ କନଫରେନ୍ସରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ପାଇଁ ସମ୍ପୃକ୍ତ ବ୍ଲକ ସହ ଯୋଡି ହେବେ। ପ୍ରଥମ ସୋମବାର ପୂର୍ବାହ୍ନ ସାଢେ ୧୦ଟାରେ ଜିଲାପାଳ ରଙ୍ଗେଇଲୁଣ୍ଡା ବ୍ଲକର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କରିବେ ବୋଲି ସୂଚନା ମିଳିଛି। ଜନସାଧାରଣ ଭିଡିଓ କନଫରେନ୍ସରେ ସେମାନଙ୍କ ସମସ୍ୟା ଓ ଅଭିଯୋଗ ଜଣାଇ ପାରିବେ। ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଉତ୍ତର ରଖିବେ। ସେହିପରି ମୋ ନିବେଦନ ପ୍ଲାଟଫର୍ମରେ ଏକ ନମ୍ବର (୯୪୩୭୫୬୩୮୦୦) ମଧ୍ୟ ଜାରି କରାଯାଇଛି। ଏହି ହ୍ୱାଟସ ଆପ ନମ୍ବରରେ ଜନସାଧାରଣ ନିଜ ଅଭିଯୋଗ ଓ ସମସ୍ୟା ଜଣାଇପାରିବେ ବୋଲି କୁହାଯାଇଛି ।

# ଗଞ୍ଜାମ ଜିଲା ପାଇଁ ବିଜେଡିର ନୂଆ ପର୍ଯ୍ୟବେକ୍ଷକ

**ବ୍ରହ୍ମପୁର ଅଫିସ,୨୭।୬**

ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ଗଞ୍ଜାମ ଜିଲା ପାଇଁ ବିଜେଡିର ନୂଆ ପର୍ଯ୍ୟବେକ୍ଷକ ହୋଇଛନ୍ତି। ଜିଲା ସଭାପତି ତଥା ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଶନିବାର ଏହି ସୂଚନା ଦେଇଛନ୍ତି। ଅପରପକ୍ଷରେ ଚ୍ୟାଉ ପଟ୍ଟନାୟକ ଜିଲା ସଭାପତି ହେବାର ୧୬ ମାସ ବିତିବା ପରେ ବି ଏଯାବତ୍ ଜିଲା କମିଟି ବା ନୂଆ କର୍ମକର୍ତ୍ତା ରାଜ୍ୟ ସଭାପତି ଘୋଷଣା କରିନାହାନ୍ତି। ଫଳରେ ଏହି ଜିଲାରେ ଦଳ ସାଙ୍ଗଠନିକ ପ୍ରକ୍ରିୟା ଧିମେଇ ଯାଇଥିବା କର୍ମୀମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୭ରୁ ୨୦୨୦ ଜାନୁୟାରୀ ପର୍ଯ୍ୟନ୍ତ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଜିଲା ବିଜେଡି ସଭାପତି ଥିଲେ। ତାଙ୍କୁ ହଟାଯାଇ ୨୦୨୦ ଫେବୃୟାରୀ ୧୫ରେ ଚ୍ୟାଉ ପଟ୍ଟନାୟକଙ୍କୁ ସଭାପତି କରାଯାଇଥିଲା। ସେ ସଭାପତି ହେବା ପରେ ପ୍ରଦୀପଙ୍କ ସମୟରେ ଭଡ଼ାଘରେ ଥିବା ଦଳ ଜିଲା କାର୍ଯ୍ୟାଳୟ ବଦଳାଇ ଭାବାନଗରରେ ଅଫିସ କରିଛନ୍ତି। ଜିଲା କମିଟି ଘୋଷଣା ହୋଇ ନ ଥିବା ବେଳେ କରୋନା ଯୋଗୁ ସଭାପତି ଦାୟିତ୍ୱ ନେବାଠାରୁ ବର୍ତ୍ତମାନ ସୁଦ୍ଧା ଥରେ ବି ବୈଠକ କରିନାହାନ୍ତି।

ଜିଲାର ଏମ୍‌ପି ଓ ବିଧାୟକଙ୍କ ସୁପାରିସ ପ୍ରକାରେ ନୂଆ କର୍ମକର୍ତ୍ତାଙ୍କ ତାଲିକା ପ୍ରସ୍ତୁତ କରି ବର୍ଷକ ତଳୁ ରାଜ୍ୟ ସଂଗଠନକୁ ପଠାଇଛନ୍ତି। ତାହା ଅନୁମୋଦିତ ହୋଇ ନ ଥିବା ଆଲୋଚନା ପ୍ରସଙ୍ଗରେ ସୂଚାଇଛନ୍ତି। ଏବେ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବାରୁ ଖୁବ୍‌ଶୀଘ୍ର ଜିଲା କମିଟି ମଧ୍ୟ ଘୋଷଣା ହେବାର ସେ ଆଶାପ୍ରକଟ କରିଛନ୍ତି। ପଡ଼ୋଶୀ ଗଜପତି ଜିଲା ପାଇଁ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ବିଜେଡି ପର୍ଯ୍ୟବେକ୍ଷକ ହୋଇଥିବା ଜଣାପଡ଼ିଛି।



## ମାଟ୍ରିକ ଫଳକୁ ନେଇ ଅସନ୍ତୋଷ

ଭଞ୍ଜନଗର,(ଡି.ଏନ.ଏ): ମାଟ୍ରିକ ଫଳକୁ ନେଇ ଭଞ୍ଜନଗର ସତ୍ୟସାଇ ବିଦ୍ୟାବିହାରର କେତେଜଣ ଛାତ୍ରୀଛାତ୍ରଙ୍କ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଭିଭାବକମାନେ ରବିବାର ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଭେଟି ପିଲାମାନେ ଯେତିକି ମାର୍କ ପାଇଁ ଆଶା ରଖିଥିଲେ ତାଠାରୁ ବହୁତ କମ୍ ପାଇଥିବା ଜଣାଇଛନ୍ତି। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ଅଭିଭାବକ ଗଣମାଧ୍ୟମ ଆଗରେ କିଛି କହିବାକୁ ମନା କରି ଦେଇଥିଲେ ।

## ସଂକ୍ଷେପରେ

### ବନ କର୍ମଚାରୀ-ଶିକାରୀ ଧସ୍ତାଧସ୍ତି

#### ଛୁରି ସହ ଦୁଇ ବନ୍ଧୁକ ଜବତ

ପୋଲସରା,୨୭।୬(ଡି.ଏନ୍.ଏ.): ଦକ୍ଷିଣ ଘୁମୁସର ବନଖଣ୍ଡ ଅଧୀନ ପୋଲସରା ବନାଞ୍ଚଳ ନିକଟ କିରିଆମ୍ବା ଜଙ୍ଗଲରେ ଶନିବାର ପୋଲସରା ବନାଞ୍ଚଳ ଅଧିକାରୀମାନେ ପାଟ୍ରୋଲିଂ ସମୟରେ ବନ୍ଧୁକ ଧରି ବୁଲୁଥିବା ଦୁଇଜଣ ଶିକାରୀଙ୍କୁ ଧରିବାକୁ ଉଦ୍ୟମ କରିଥିଲେ। ଉଭୟ ଶିକାରୀ ଓ ବନ ବିଭାଗ କର୍ମଚାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କିନ୍ତୁ କୌଶଳକ୍ରମେ ଶିକାରୀମାନେ ଫେରାର ହୋଇ ଯାଇଥିଲେ। ଏଥିରେ ବନରକ୍ଷକ ରାଜ କିଶୋର ବେହେରା, ବନାଞ୍ଚଳ ଅଧିକାରୀ ସଚ୍ଚିନ କୁମାର ପ୍ରଧାନ ଓ ବନପାଳ ହର ସାହୁ ଆହତ ହୋଇଛନ୍ତି। ବନ କର୍ମଚାରୀମାନେ ଶିକାରୀମାନଙ୍କଠାରୁ ଦୁଇଟି ଦେଶୀ ବନ୍ଧୁକ, ଗୋଟିଏ ଛୁରି ଓ ମୋବାଇଲ ଜବତ କରିଛନ୍ତି। ରବିବାର ଉକ୍ତ ଘଟଣାକୁ ନେଇ ବନାଞ୍ଚଳ ଅଧିକାରୀ ସଚ୍ଚିନ କୁମାର ପ୍ରଧାନ, ବନପାଳ ହର ସାହୁ ପୋଲସରା ଥାନାରେ ଅଭିଯୋଗ କରିଛନ୍ତି।

### ୫୦ରୁ ଉର୍ଦ୍ଧ୍ୱ ଭାଜପାରେ ମିଶିଲେ

ଛତ୍ରପୁର,୨୭।୬(ଡି.ଏନ୍.ଏ.):ଛତ୍ରପୁର ନିର୍ବାଚନ ମଣ୍ଡଳୀ ଚିକଲଖଣ୍ଡି ପଞ୍ଚାୟତରେ ଭାଜପାର ମିଶ୍ରଣ ପର୍ବ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ସଭାପତି ପ୍ରଶାନ୍ତ କୁମାର କରଙ୍କ ନେତୃତ୍ୱରେ ରବିବାର ଅନୁଷ୍ଠିତ ହୋଇଥିଲା। କଣମଣା ମଣ୍ଡଳ ସଭାପତି ପଦ୍ମଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚିକଲଖଣ୍ଡି ପଞ୍ଚାୟତର ନାଏବ ସରପଞ୍ଚ ନାରାୟଣ ରେଡ୍ଡି ଏବଂ ପଚାଶରୁ ଉର୍ଦ୍ଧ୍ୱ ସିପିଆଇ କର୍ମୀ ଶଙ୍କର ରାଓଙ୍କ ସହଯୋଗରେ ଭାଜପାରେ ମିଶିଥିଲେ। କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମୁଦୁଲିଙ୍କ ସମେତ ପ୍ରଦୀପ କୁମାର ପାଢ଼ୀ, ସଞ୍ଜିତ କୁମାର ରାଉଳ , ଲକ୍ଷ୍ମୀ ନାରାୟଣ ପଣ୍ଡା,ରଶ୍ମିରଣୀ ମହାପାତ୍ର , ଭୀମସେନ ବେହେରା, ପ୍ରଭାତ ଷଡଙ୍ଗୀ, ପଦ୍ମଚରଣ ପରିଡ଼ା, ଅମରେଶ ମହାରଣା, ରାମଚନ୍ଦ୍ର ବେହେରା ଓ ବହୁ କର୍ମୀ ଉପସ୍ଥିତ ଥିଲେ।

### ଖବରଦାତାଙ୍କ ସ୍ମୃତିରେ ପ୍ରତିମୂର୍ତ୍ତି ସ୍ଥାପନ



ପାରଳାଖେମୁଣ୍ଡି,୨୭।୬ (ଡି.ଏନ୍.ଏ.): ଗଜପତି ଜିଲା ଗୋଷାଣୀ ବ୍ଲକର ତେଲୁଗୁ ଖବର କାଗଜ ଇନାଡୁର ପୂର୍ବତନ ପ୍ରତିନିଧି ସ୍ୱର୍ଗତ କେ. କୃଷ୍ଣ ପ୍ରସାଦ ରାଓଙ୍କ କରୋନାରେ ମୃତ୍ୟୁ ଘଟିଥିଲା। ସେ ଜଣେ ଆଗଧାଡ଼ିର ଖବରଦାତା ଓ ସାମାଜିକ କର୍ମୀ ଥିଲେ। ତେଣୁ ତାଙ୍କର ଆତ୍ମାର ସଦ୍‌ଗତି ସହ ଚିରଦିନ ତାଙ୍କୁ ମନେ ରଖିବା ପାଇଁ ବମିକା ଗ୍ରାମର ଯୁବଗୋଷ୍ଠୀ, ମହେନ୍ଦ୍ରଗିରି ଆଶ୍ରମର ବାବା ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ବମିକା ଗାଁରେ କୃଷ୍ଣଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏଥିସହ ଗରିବ ଲୋକମାନଙ୍କୁ ବସ୍ତ୍ର ଖାଦ୍ୟ ବଣ୍ଟନ କରିଛନ୍ତି।

### ପୂର୍ଣ୍ଣବାସୀ ଗଜପତି ଜିଲା ବିଜେଡି ମହିଳା ସଭାନେତ୍ରୀ

ପାରଳାଖେମୁଣ୍ଡି,୨୭।୬(ଡି.ଏନ୍.ଏ.): ଗଜପତି ଜିଲା ବିଜେଡି ଦଳର ମହିଳା ସବାନେତ୍ରୀ ଭାବେ ଆଦିବାସୀ ମହିଳାନେତ୍ରୀ ପୂର୍ଣ୍ଣବାସୀ ନାୟକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନୋନୀତ କରିଛନ୍ତି। ଏ ନେଇ ରବିବାର ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ଇସ୍ତାହାରରୁ ସୂଚନା ମିଳିଛି। ନାୟକ ୨୦୦୨ରେ ପ୍ରଥମେ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରି ୨୦୦୭ ପର୍ଯ୍ୟନ୍ତ ଉମ୍ବାଳରୁ ସମିତିସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ୨୦୦୭ରେ ସେହି ଉମ୍ବାଳ ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇ ୨୦୧୨ ପର୍ଯ୍ୟନ୍ତ ଅଞ୍ଚଳର ବହୁ ଉନ୍ନତି କରିଥିଲେ। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ପୂର୍ବତନ ଜିଲା ବିଜେଡି ସଭାପତି ବସନ୍ତ ଦାସ, ଜିଲା ଯୁବ ବିଜେଡି ସଭାପତି ଏସ.ଲିଙ୍ଗରାଜ, ଛାତ୍ର ବିଜେଡି ଜିଲା ସଭାପତି ବିଶ୍ୱଜିତ ତ୍ରିପାଠୀ, ନଗର ବିଜେଡି ସଭାପତି ସୂର୍ଯ୍ୟନାରାୟଣ ରାଜଗୁରୁ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀକାନ୍ତ ପରିଚ୍ଛା, ଏମ୍‌ପି ପ୍ରତିନିଧି ବିମଳ ଦଳେଇ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ନୂତନ ଭାବେ ନିଯୁକ୍ତି ପାଇଥିବା ଜିଲା ବିଜେଡି ମହିଳା ସଭାନେତ୍ରୀ ପୂର୍ଣ୍ଣବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସଭାନେତ୍ରୀ ନାୟକ କହିଛନ୍ତି, ମୁଖ୍ୟମନ୍ତ୍ରୀ ଏହି ଗୁରୁ ଦାୟିତ୍ୱ ଦେଇଥିବାରୁ ମୁଁ ତାଙ୍କୁ କୃତଜ୍ଞତା ଜଣାଉଛି।

# ଡିପିଆର୍ ହୋଇପାରୁନି, ବଢ଼ିବ ବ୍ୟୟ ଅଟକଳ

## ବ୍ରହ୍ମପୁର ଭାୟା ଭଞ୍ଜନଗର ଫୁଲବାଣୀ ରେଳ ଲାଇନ

ଭଞ୍ଜନଗର,୨୭।୬(ଡି.ଏନ୍.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଘରୋଇ କମ୍ପାନୀର ମିଳିତ ସହଯୋଗରେ ବ୍ରହ୍ମପୁର ଭାୟା ଭଞ୍ଜନଗର, ଫୁଲବାଣୀ, ରେଢ଼ାଖୋଲ ନୂତନ ରେଳ ଲାଇନ ହେବ। ଏହି ପ୍ରକଳ୍ପ ଆରମ୍ଭ ପାଇଁ ପଦକ୍ଷେପ ନିଆଯାଇଛି। ଗତ ନଭେମ୍ବରରୁ ଚୂଡ଼ାନ୍ତ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ତାହାର ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର) ସରି ନ ଥିବା ଆର୍‌ଟିଆଇରୁ ଜଣାପଡ଼ିଛି। ଡିପିଆର କାର୍ଯ୍ୟ ସରିବା ପରେ ତାହା ନୀତି ଆୟୋଗର ଅନୁମୋଦନ ଲାଭ କରିବ। ଏହାପରେ ବଜେଟରେ ଅର୍ଥ ଅନୁମୋଦନ ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ସମ୍ଭାବନା ରହିଛି । ତେବେ କରୋନା କଟକଣା ଓ ଅନ୍ୟାନ୍ୟ କାରଣ ଯୋଗୁ ଡିପିଆର କାର୍ଯ୍ୟ ସରିପାରୁନାହିଁ। ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାରେ ଯେତେ ବିଳମ୍ବ ହେବ ସେହି ଅନୁପାତରେ ବ୍ୟୟ ଅଟକଳ ମଧ୍ୟ ବଢ଼ିବ। ଏଥିରେ ସରକାରଙ୍କ ଉପରେ ରାଜସ୍ୱ ବୋଝ ବଢ଼ିବା ସହ ଜନସାଧାରଣ ରେଳ ସେବା ପାଇବାରେ ବିଳମ୍ବ ହେବ। ତେଣୁ ତୁରନ୍ତ ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ପ୍ରତ୍ୟେକ ମାସର ଶେଷ ଦୁଇ କାର୍ଯ୍ୟ ଦିବସ ଭଞ୍ଜନଗର ବାର୍ ଆସୋସିଏଶନ ପକ୍ଷରୁ ରେଳସେବା ଏବଂ ଘୁମୁସର ଜିଲା ଘୋଷଣା ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଉଥିଲା। କରୋନା ଯୋଗୁ ଏବେ ତାହା କରାଯାଉନାହିଁ।

ସୂଚନାଯୋଗ୍ୟ, ୨୦୧୧-୧୨ ଆର୍ଥିକ ବର୍ଷରେ ବ୍ରହ୍ମପୁର ଭାୟା ଭଞ୍ଜନଗର, ଫୁଲବାଣୀ ହୋଇ ରେଢ଼ାଖୋଲ ପର୍ଯ୍ୟନ୍ତ ନୂତନ ରେଳ ଲାଇନ ପାଇଁ ପ୍ରାଥମିକ ସର୍ଭେ ହୋଇଥିଲା। ଏହାପରେ କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ହୋଇପାରି ନ ଥିଲା । ଏହାପରେ ସରକାର ପରେ ସରକାର ବଦଳୁଛି କିନ୍ତୁ ଉକ୍ତ ପ୍ରକଳ୍ପ



ପ୍ରାରମ୍ଭିକ ସର୍ଭେର ନକ୍ସା ।

କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ । ପ୍ରାୟ ୨୪୦ କି.ମି. ରେଳ ଲାଇନ ପାଇଁ ୨୯୫୭ କୋଟି ଟଙ୍କା ଖର୍ଚ୍ଚ ଯୋଜନା ୨୦୧୧-୧୨ ଆର୍ଥିକ ବର୍ଷରେ ରଖାଯାଇଥିଲା । ବର୍ତ୍ତମାନ ୯ ବର୍ଷ ବିତିଗଲାଣି। ଶ୍ରମିକ ମଜୁରୀ ଓ ବିଭିନ୍ନ ଜିନିଷର ଦରଦାମ ବୃଦ୍ଧି ପାଇଛି । ଯେଉଁଥିପାଇଁ ପ୍ରକଳ୍ପ ଖର୍ଚ୍ଚ ବହୁ ଗୁଣ ବଢ଼ିଯିବ । ପ୍ରାଥମିକ ସର୍ଭେ ସମୟରେ ୧୬ଟି ଷ୍ଟେଶନ, ୫ଟି ବଡ଼ ଟନେଲ, ୩୮ଟି ବଡ଼ ସେତୁ ଓ ୧୮୪ଟି କ୍ଷୁଦ୍ର ସେତୁ କରିବା ଯୋଜନା ଥିଲା। କିନ୍ତୁ ଚୂଡ଼ାନ୍ତ ସର୍ଭେରେ ମଧ୍ୟ ତାହାର ପରିବର୍ତ୍ତନ ହେବାର ସମ୍ଭାବନା ରହିଛି । ଗତ ନଭେମ୍ବର ମାସରେ ଚୂଡ଼ାନ୍ତ ସର୍ଭେ ପାଇଁ ଏରିୟଲ ସର୍ଭେ ହୋଇଥିଲା। ୨୦୨୧-୨୨ ବଜେଟରେ ଉକ୍ତ ପ୍ରକଳ୍ପକୁ ଅନୁମୋଦନ ମିଳିବା ସହ ବଜେଟରେ ଅର୍ଥ ବରାଦ ହେବା ଆଶା କରାଯାଉଥିଲା। କିନ୍ତୁ ତାହା ହେଲା ନାହିଁ।

ଏ ନେଇ ସୂଚନା କର୍ମୀ ବି.ଶଙ୍କର ପାତ୍ର କହିଛନ୍ତି, ସୂଚନା ଅଧିକାର ଆଇନ ଅନୁସାରେ ରେଳ ବିଭାଗକୁ କିଛି ତଥ୍ୟ ମାଗିଥିଲି । ସେଥିରେ ଡିପିଆର କାର୍ଯ୍ୟ ସରି ନ ଥିବା ଜଣାପଡ଼ିଛି। ତେଣୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭରେ ବିଳମ୍ବ ହେଉଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ଭଞ୍ଜନଗର ବାର ଆସୋସିଏଶନ ସଭାପତି ସନ୍ତୋଷ ନାୟକ କହିଛନ୍ତି, ରେଳ ଲାଇନ ପ୍ରକଳ୍ପ କିଭଳି ଅଗ୍ରଗତି ହେବ ସେନେଇ ପଦକ୍ଷେପ ନିଆଯାଉଛି। କରୋନା ପାଇଁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ପ୍ରକଳ୍ପ କାର୍ଯ୍ୟ ଆରମ୍ଭରେ ବିଳମ୍ବ ହେଲେ ପୁଣି ବାର ଆସୋସିଏଶନ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବ ।



ଗ୍ରାମବାସୀ ବେଙ୍ଗକୁ ଦୋଳାରେ ଧରି ନାଚ କରୁଛନ୍ତି ।

# ବର୍ଷା ପାଇଁ ବେଙ୍ଗ ନାଚ

ଭଞ୍ଜନଗର,୨୭।୬(ଡି.ଏନ୍.ଏ.)

ମୌସୁମୀ ଆସିଥିଲେ ମଧ୍ୟ ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳରେ ରବିବାର ସୁଦ୍ଧା ସେଭଳି ପ୍ରାୟ ବର୍ଷା ହେଉନାହିଁ । ଗତ କିଛିଦିନ ହେଲା ପାଗ ମେଘୁଆ ରହୁଥିଲେ ବି ବର୍ଷା ହେଉନି। ବଡ଼ ବର୍ଷା ହୋଇ ନ ଥିବାରୁ ଅଞ୍ଚଳର କେତେକ ସ୍ଥାନରେ ଧାନ ତଳି ଗଜା ମରୁଡ଼ି ଭଳି ସ୍ଥିତିକୁ ଆସିଲାଣି। ଅନ୍ୟପଟେ ବର୍ତ୍ତମାନ କେନାଲ ଗୁଡ଼ିକରେ ପାଣି ଛାଡ଼ିବା ମଧ୍ୟ ଯୋଜନା ନାହିଁ । ତେଣୁ ଚାଷୀକୁଳ ଚିନ୍ତାରେ ପଡ଼ିଲେଣି। ବେଙ୍ଗ ନଚାଇଲେ ବର୍ଷା ହେବ ବୋଲି ବିଶ୍ୱାସ ରହିଥିବାରୁ ଭଞ୍ଜନଗର ବ୍ଲକ ଡୁମାକୁମ୍ପା ପଞ୍ଚାୟତ ଖମାରେଡ଼ି ଗ୍ରାମବାସୀ ରବିବାର ଦୋଳାରେ ବେଙ୍ଗ ଧରି ନାଚି ନାଚି ଗ୍ରାମ ପରିକ୍ରମା କରିଛନ୍ତି। ଅନ୍ୟପକ୍ଷରେ ଜଳସମ୍ପଦ ବିଭାଗ ପକ୍ଷରୁ ଜୁଲାଇ ୧୫ରୁ କେନାଲ ଗୁଡ଼ିକରେ ପାଣି ଛାଡ଼ିବା ଯୋଜନା ଅଛି। ସମ୍ପୂର୍ଣ୍ଣ ବର୍ଷା ପାଣି ଉପରେ ନିର୍ଭରଶୀଳ ହେଉଥିବା ଫସଲ ଅଞ୍ଚଳରେ ଖୁବ କମ୍ ଦିନ ମଧ୍ୟରେ ବର୍ଷା ନ ହେଲେ ଚାଷ କାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା ରହିଛି ।

# ଖବରକାଗଜ ବିତରକ ସଂଘ ବୈଠକ




ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ।

ଛତ୍ରପୁର,୨୭।୬(ଡି.ଏନ୍.ଏ.)

ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ଖବରକାଗଜ ବିତରକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। କରୋନା ମହାମାରୀ ସମୟରେ ବି ସେମାନେ ଜୀବନକୁ ବାଜି ଲଗାଇ ଲୋକଙ୍କ ପାଖରେ ଖବରକାଗଜ ପହଞ୍ଚାଉଛନ୍ତି। ତେଣୁ ସେମାନଙ୍କୁ କରୋନା ଯୋଦ୍ଧା ମାନ୍ୟତା ପ୍ରଦାନ କରିବା ନିମନ୍ତେ ଛତ୍ରପୁର ଖବରକାଗଜ ବିତରକ ସଂଘ ପକ୍ଷରୁ ଦାବି କରାଯାଇଛି। ରବିବାର ଛତ୍ରପୁର ନିକଟ ଉଜ୍ଜଳେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସଂଘର ବରିଷ୍ଠ ସଦସ୍ୟ ସୂର୍ଯ୍ୟ ନାରାୟଣ ଶତପଥୀଙ୍କ ପୌରହିତ୍ୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ସହରର ସମସ୍ତ ଖବରକାଗଜ ବିକ୍ରେତା ଓ ବିତରକମାନେ ଯୋଗଦେଇ ସଂଘର ଉନ୍ନତୀ ସକାଶେ ଆଲୋଚନା କରିଥିଲେ। ଏଥିସହ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା।

### ନୂତନ କର୍ମକର୍ତ୍ତା ଚୟନ

ସଭାପତି ଭାବେ ଆଇନଜୀବୀ କିଶୋର ଚନ୍ଦ୍ର ସେନାପତି, ଉପସଭାପତି ଭାବେ କେ. ରମେଶ, ସାଧାରଣ ସମ୍ପାଦକ ଭାବେ ନିରଞ୍ଜନ ଦାଶ , ସହସମ୍ପାଦକ ସୂର୍ଯ୍ୟ ନାରାୟଣ ଶତପଥୀ ଓ ଉପଦେଷ୍ଟା ଭାବେ ପ୍ରଶାନ୍ତ କୁମାର ମହାରଣାଙ୍କୁ ସର୍ବ ସମ୍ମତି ଭାବେ ଚୟନ କରାଯାଇଥିଲା। ଖବରକାଗଜ ବିତରକମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା ସହିତ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଗଞ୍ଜାମ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବାକୁ ସଂଘ ପକ୍ଷରୁ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ସଂଘର ସମସ୍ତ ସଦସ୍ୟଙ୍କ ବୀମା କରାଯିବା ସହ ପରିଚୟପତ୍ର ପ୍ରଦାନ କରାଯିବ ବୋଲି ସଭାପତି କିଶୋର ଚନ୍ଦ୍ର ସେନାପତି ସୂଚନା ଦେଇଥିଲେ। ଉପସଭାପତି କେ.ରମେଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ନିରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସୁଶାନ୍ତ କୁମାର ମହାରଣା, ଏ.କେ. ଗୋବିନ୍ଦ ରାଓ, ଗଣେଶ ରେଡ୍ଡୀ, କୈଳାଶ ଚନ୍ଦ୍ର ପଣ୍ଡା, ସନ୍ତୋଷ ଗୌଡ, ବ୍ରଜବନ୍ଧୁ ରାଉଳ, ସଂଗ୍ରାମ ବ୍ରହ୍ମା, ଦିଲୀପ କୁମାର ଦାସ, କେ. ପୁରୁଷୋତ୍ତମ ପାତ୍ର, ଦୁର୍ଗା ପ୍ରସାଦ ସାମନ୍ତରା, ଭୁବନେଶ୍ୱର ସାହୁ ଓ ଏସ. ଏନ. ବେହେରାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## କରୋନାରେ ଆମ୍ବପୁର ସରପଞ୍ଚଙ୍କ ମୃତ୍ୟୁ

ପାତ୍ରପୁର,୨୭।୬(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ଆମ୍ବପୁର ସରପଞ୍ଚ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ରବିବାର କରୋନାରେ ମୃତ୍ୟୁ ଘଟିଛି। କରୋନା ପଜିଟିଭ୍ ଥିବା ଜଣାପଡ଼ିବା ପରେ ତାଙ୍କୁ ପ୍ରଥମେ ବ୍ରହ୍ମପୁର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ରବିବାର ଅଧିକ ଚିକିତ୍ସା ପାଇଁ ବିଶାଖାପାଟଣା ନେବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ଜରଡ଼ା ତାଲୁକା ପ୍ରଧାନ ସମାଜର କର୍ମକର୍ତ୍ତା, ପାତ୍ରପୁର ଓକିଲ ସଂଘରର ସମସ୍ତ କର୍ମକର୍ତ୍ତା, ଭାଜପା ନେତା ମନରଞ୍ଜନ ଦ୍ୟାନ ସାମନ୍ତରା, ରବୀନ୍ଦ୍ର ଦ୍ୟାନ ସାମନ୍ତରା, ଆମ୍ବପୁର ପଞ୍ଚାୟତର ବୁଦ୍ଧିଜୀବୀମାନେ ଶୋକ ବ୍ୟକ୍ତ କରିଛନ୍ତି।

## ମହିଳାଙ୍କ ମୃତଦେହ ଜବତ ଘଟଣା, ଯବାନ ଗିରଫ

ଗୋପାଳପୁର,୨୭।୬

ଯୌତୁକଜନିତ ହତ୍ୟା ଅଭିଯୋଗରେ ଗୋପାଳପୁର ପୋଲିସ ଶନିବାର ରାତିରେ ଜଣେ ଯବାନଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ଗୋଳାବନ୍ଧସ୍ଥିତ ଆର୍ମି ଏଡି କଲେଜର ରେଜିମେଣ୍ଟ ଲାଞ୍ଚ ନାଇକ ଆନନ୍ଦ ସିଂ। ଉତ୍ତରପ୍ରଦେଶ ରାଜ୍ୟ ପ୍ରୟୋଗରାଜ ଜିଲାର ମାନ ସିଂଙ୍କ ଝିଅ କାମିନୀ ସିଂଙ୍କୁ ଝାରସୁଗୁଡ଼ା ଅଞ୍ଚଳର ଆନନ୍ଦ ସିଂ ୨୦୧୯ ମାର୍ଚ୍ଚରେ ବିବାହ କରିଥିଲେ। କିଛି ମାସ ପରେ ଆନନ୍ଦ ଅଧିକ ଯୌତୁକ ଦାବି ଓ ଝିଅ ଜନ୍ମ ହେଲା ବୋଲି କାମିନୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଆନନ୍ଦ ଆର୍ମି ଏଡି କଲେଜରେ ନାଇକ ରୂପେ କାର୍ଯ୍ୟ କରି ପରିବାର ସହିତ କ୍ୱାର୍ଟର୍ସରେ ରହୁଥିଲେ। ଗତ ୨୩ ତାରିଖ ରାତିରେ ବେକରେ ଚୁନି ଲଗାଇ କାମିନୀ ଫ୍ୟାନ୍‌ରେ ଝୁଲୁଥିବା ନେଇ ଆନନ୍ଦ ତାଙ୍କ ବାପାଙ୍କୁ ଖବର ଦେଇଥିଲେ। ୨୪ ତାରିଖରେ ପୋଲିସ ମୃତଦେହ ଜବତ କରି ନଂ. ୮/୨୧ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଶନିବାର କାମିନୀଙ୍କ ବାପା ଯୌତୁକ ପାଇଁ ଝିଅଙ୍କୁ ହତ୍ୟା କରାଯାଇଥିବା ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ନଂ. ୯୫/୨୧ରେ ହତ୍ୟା ମାମଲା ରୁଜୁ ହୋଇଥିଲା।

# ପ୍ରାଣୀ ବିଜ୍ଞାନରେ ଆଦିବାସୀ ଝିଅଙ୍କୁ ସ୍ୱର୍ଣ୍ଣ

ଫୁଲବାଣୀ ଅଫିସ, ୨୭।୬

କନ୍ଧମାଳ ଜିଲାର ଉପାନ୍ତ ଅଞ୍ଚଳରୁ ଯାଇ କିସ୍ ବିଶ୍ୱ ବିଦ୍ୟାଳୟରେ ପାଠପଢ଼ି ଜଣେ ଆଦିବାସୀ ଛାତ୍ରୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ହେଲେ ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ସଲାଗୁଡା ଗ୍ରାମର ଶକୁନ୍ତଳା କହଁର। ଶକୁନ୍ତଳା ପ୍ରାଣୀ ବିଜ୍ଞାନ(ଜୁଲୋଜି) ସ୍ନାତକୋତ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କିସ୍ ବିଶ୍ୱ ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ତାଙ୍କୁ ଏହି ପଦକ ପ୍ରଦାନ କରାଯାଇଛି। ଶକୁନ୍ତଳା ଟିକାବାଲି ଏଏମ୍‌ସିଏସ୍ କଲେଜରୁ ବିଜ୍ଞାନରେ ପ୍ରଥମ ସ୍ଥାନରେ ପାସ୍ ହେଲାପରେ କିସ୍ ବିଶ୍ୱ ବିଦ୍ୟାଳୟରେ ସ୍ନାତକୋତ୍ତରରେ ନାମ ଲେଖାଇଥିଲେ । ନିଜର ପରିଶ୍ରମ ଓ ଅଧ୍ୟବ୍ୟସାୟ ବଳରେ ଏବଂ ଅଧ୍ୟାପକଙ୍କ



ଶକୁନ୍ତଳା କହଁର।

ମାର୍ଗଦର୍ଶନରେ ଏହି ସ୍ଥାନରେ ପହଞ୍ଚିଥିବା ଶକୁନ୍ତଳା ପ୍ରକାଶ କରିଛନ୍ତି। ଏଥିସହ ସମସ୍ତ ଶ୍ରେୟ ତାଙ୍କ ମା’, ବାପା, କିସ୍ ଏବଂ କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତାନନ୍ଦ ସାମନ୍ତଙ୍କୁ ଦେଇଛନ୍ତି। ଶକୁନ୍ତଳାଙ୍କ ଏହି ସଫଳତା ଅନ୍ୟ ଆଦିବାସୀ ଝିଅଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ।

# ଦଳିତ ଶୋଷଣ ମୁକ୍ତି ମଞ୍ଚର ପ୍ରତିବାଦ ସଭା



ଦଳିତ ଶୋଷଣ ମୁକ୍ତି ମଞ୍ଚ ଓ ଡିୱାଇଏଫ୍‌ଆଇ ତରଫରୁ ପ୍ରତିବାଦ।

ଆର.ଉଦୟଗିରି,୨୭।୬(ଡି.ଏନ୍.ଏ.)

କୃଷି ବଞ୍ଚାଅ, ଗଣତନ୍ତ୍ର ବଞ୍ଚାଅ ଦାବିରେ ସମ୍ପୃକ୍ତ କିଷାନ ଆବାହନକ୍ରମେ ଓଡ଼ିଶା ଦଳିତ ଶୋଷଣ ମୁକ୍ତି ମଞ୍ଚ ତରଫରୁ ଶନିବାର ରାମଗିରି ବସ୍‌ଷ୍ଟାଣ୍ଡଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ମଞ୍ଚର ଗଜପତି ଜିଲା ସମ୍ପାଦକ ମାନସ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆର.ଉଦୟଗିରି ଓ ନୂଆଗଡ଼ ବ୍ଲକ ଅଞ୍ଚଳର ଦଳିତ ପରିବାର ଏକତ୍ରିତ ହୋଇ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜାତିଭେଦ ବନ୍ଦକର, ପେଟ୍ରୋଲ ଓ ଡିଜେଲର ବର୍ଦ୍ଧିତ ଦର ପ୍ରତ୍ୟାହାର କରାଯାଉ, ଅଣଟିକସଦାତା ପରିବାରଙ୍କୁ ୬ ମାସ ପର୍ଯ୍ୟନ୍ତ ୭,୫୦୦ ଟଙ୍କା ସହ ମୁଣ୍ଡପିଛା ୧୦ କେଜି ଚାଉଳ ଯୋଗାଯାଉ, ଜଣକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ବର୍ଷକୁ ୨୦୦ ଦିନ କାମ ଯୋଗାଇବା ସହ ଦୈନିକ ୬୦୦ ଟଙ୍କା ମଜୁରି ଦାବି କରିଥିଲେ। ଦେଶର କୃଷି ବ୍ୟବସ୍ଥା ଓ କୃଷକମାନଙ୍କର ସ୍ୱାର୍ଥ ସହ ଗଣତନ୍ତ୍ର ରକ୍ଷା କରିବା ପାଇଁ ଏହି ଆନ୍ଦୋଳନ ଆହୁରି ଶକ୍ତିଶାଳୀ ହେବ ବୋଲି ଜେନା ଆହ୍ୱାନ ଦେଇଛନ୍ତି। ଏହା ସହ ଗଜପତି ଜିଲାରେ ଟିକାକରଣକୁ ବ୍ୟାପକ କରିବା ପାଇଁ ଦାବି କରିଛନ୍ତି।

# ହତ୍ୟା ଉଦ୍ୟମ ମାମଲାରେ ୩ ଗିରଫ

ଦିଗପହଣ୍ଡି,୨୭।୬(ଡି.ଏନ.ଏ.)

### ଜକର ଗ୍ରାମରେ ରାଜନୈତିକ ହିଂସା

ଦିଗପହଣ୍ଡି ବ୍ଲକ ଜକର ଗ୍ରାମରେ ରାଜନୈତିକ ହିଂସା ବଢ଼ି ଚାଲିଛି। ଉଭୟ ଗୋଷ୍ଠୀର ଏତଲା କ୍ରମେ କେ.ନୂଆଗାଁ ପୋଲିସ ନଂ. ୧୨୯, ୧୩୦ ଏବଂ ୧୩୧/୨୧ ଅନୁଯାୟୀ ହତ୍ୟା ଉଦ୍ୟମ ମାମଲାରେ ୩ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଟୁନା ପ୍ରଧାନ, ବାରିକ ରେଡ୍ଡୀ ଏବଂ ନୟନ ପ୍ରଧାନ। ଗତ ଶୁକ୍ରବାର ରାତିରେ ଗାଁର ମା’ କାଳୁଆ ଠାକୁରାଣୀଙ୍କ ଯାତ୍ରା ଉଦ୍‌ଯାପନୀ ଉତ୍ସବରେ ପୂର୍ବ ରାଜନୈତିକ ଶତ୍ରୁତାରୁ ଦୁଇ ପ୍ରତିପକ୍ଷ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉଭୟ ପକ୍ଷର ୪ ଜଣ ଆହତ ହୋଇଥିଲେ। ଶନିବାର ଉଭୟ ଗୋଷ୍ଠୀ ଏ ନେଇ କେ. ନୂଆଗାଁ ଥାନାରେ ପରସ୍ପରଙ୍କ ବିରୁଦ୍ଧରେ ଏତଲା ଦେଇଥିଲେ। ପରେ ଗ୍ରାମର ଉଭୟ ଗୋଷ୍ଠୀର ମୁଖିଆମାନଙ୍କ ଉପସ୍ଥିତିରେ ମାମଲାର ସମାଧାନ ହୋଇଥିଲା। ପୁଣି ଥରେ ବିଳମ୍ବିତ ରାତିରେ ଗ୍ରାମର ନିର୍ଦ୍ଦିଷ୍ଟ ଗୋଷ୍ଠୀର କେତେଜଣ ଯୁବକ ଦେଓଖାଳି ଗ୍ରାମର କିଛି ଗୁଣ୍ଡାମାନଙ୍କୁ ଗାଁକୁ ଡାକି ଆଣି ଅପର ଗୋଷ୍ଠୀର ନୟନ ପ୍ରଧାନଙ୍କ ଘରରେ ପଶି ଭଙ୍ଗାରୁଜା କରିଥିଲେ। ସେ ଘରୁ ଦୌଡି ଯାଇ ପୋଲିସକୁ ଫୋନ କରିଥିଲେ। ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀର ୩ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି। ଗାଁରେ ଚାପା ଉତ୍ତେଜନା ଲାଗି ରହିଥିଲେ ମଧ୍ୟ ସ୍ଥିତି ନିୟନ୍ତ୍ରଣ ଥିବା ପୋଲିସ କହିଛି।



ଜବତ ଗାଡ଼ି ସହ ମାଧବୀ ଚେର।

# ମାଧବୀ ଚେର ସହ ଗାଡ଼ି ଜବତ

ପୋଲସରା,୨୭।୬(ଡି.ଏନ.ଏ.)

ଦକ୍ଷିଣ ଘୁମୁସର ବନଖଣ୍ଡ ଅଧୀନ ପୋଲସରା ବନ ବିଭାଗ କୋଦଳା ଛୁଞ୍ଚିପଡ଼ା ରାସ୍ତାରୁ ରବିବାର ବେଆଇନ ଚାଲାଣ ହେଉଥିବା ୯୦୦ କେଜି ମାଧବୀ ଚେର ବୋଝେଇ ଗାଡ଼ି ଜବତ ହୋଇଛି। ଘଟଣାସ୍ଥଳରୁ ଗାଡ଼ି ଡ୍ରାଇଭର ଫେରାର ହୋଇଯାଇଛନ୍ତି। ବନ ବିଭାଗ ପାଟ୍ରୋଲିଂ ସମୟରେ ଏହି ଚଢ଼ଉ ହୋଇଥିଲା। ଏହି ଚଢ଼ଉ ସମୟରେ ଭାବରଡ଼ା ସେକ୍ସନର ବନପାଳ ହର ସାହୁ, ଜୋକବନ୍ଧ ସେକ୍ସନର ବନପାଳ ରାଜେନ୍ଦ୍ର ନାୟକ, ବନ ରକ୍ଷକ ପୁଷ୍ପାଞ୍ଜଳୀ ଜେନାଙ୍କ ସମେତ ବନ ବିଭାଗର ପାରା ଷ୍ଟାଫ ସାମିଲ ଥିଲେ।

## ୧୦୫ ୟୁନିଟ ରକ୍ତ ସଂଗ୍ରହ

ଗୋପାଳପୁର,୨୭।୬

ଓଡ଼ିଆ ମୋ ପରିବାର ପକ୍ଷରୁ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଲୁହାଝର ପଞ୍ଚାୟତ ବାଦପୁର ଗ୍ରାମରେ ରବିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ରାଜ୍ୟ କୋଠା ବାଡ଼ି ନିର୍ମାଣ ଶ୍ରମିକ ବୋର୍ଡ଼ ଅଧ୍ୟକ୍ଷ ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ଜିଲା ଜୀବନ ବିନ୍ଦୁ ସଂଯୋଜକ ସୁବାସ ମହାରଣା ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ। ଶିବିରରେ ୧୦୫ ୟୁନିଟ ରକ୍ତ ସଂଗ୍ରହୀତ ହୋଇଥିଲା। ଏହି ଅବସରରେ ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷ ସିଏଚ ଉଷାରାଣୀ, ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର ଦାସ, ୫୫ ନଂ ଜିଲା ପରିଷଦ ସଭ୍ୟ ଶଶୀ ଭୂଷଣ ମହାନ୍ତି, ଲୁହାଝର ସମିତିସଭ୍ୟ ବିନୋଦ କୁମାର ମହାକୁଡ, ସରପଞ୍ଚ ଦମୟନ୍ତୀ ରେଡି, ପୂର୍ବତନ ଜିଲା ପରିଷଦ ସଭ୍ୟ ସିଏଚ ଢ଼ିଲେଶ୍ୱର ରେଡି, ଦୀପକ କୁମାର ସାମନ୍ତ, ପ୍ରକାଶ ଚନ୍ଦ୍ର ସାମନ୍ତ, କମଳା ରେଡି, ପ୍ରତାପ ଚନ୍ଦ୍ର କୋଠିଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ ଜରୁରୀ

ବୈଦ୍ୟନାଥ ବେହେରା
ଖଜୁରିପଡ଼ା,୨୭।୬(ଡି.ଏନ.ଏ.)

କନ୍ଧମାଳ ଜିଲାର ଜଙ୍ଗଲଜାତ ଦ୍ରବ୍ୟ, ଫଳମୂଳର ଚାହିଦା ସବୁବେଳେ ରହିଛି। ପ୍ରତିବର୍ଷ ଆମ୍ବ, ଖଜୁରି, ଅଁଳା, ମହୁଲ, ଟୋଲ, ଶାଳମଞ୍ଜି, ଭାଲିଆ, ପଣସ, ତେନ୍ତୁଳି, ଜାମୁକୋଳି ଓ କେନ୍ଦୁ ଆଦି ଫଳୁଛି। ଏସବୁ ନେଇ ଗ୍ରାମାଞ୍ଚଳର ଲୋକେ ସେମାନଙ୍କ ଜୀବନ ଜୀବିକା ନିର୍ବାହ କରିଆସୁଛନ୍ତି। ସେହିପରି ମହୁ, ଝୁଣା, ଚେରମୂଳି ଭଳି ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟ ରୋଜଗାର ଦେଉଛି। ଏହାକୁ କମ୍ ଦାମରେ କିଣି ଜିଲାରେ ଅନେକ ବ୍ୟବସାୟୀ ଲାଭବାନ ହେଉଛନ୍ତି। ତଥାପି ଫଳମୂଳ ଓ ଅନ୍ୟ ଦ୍ରବ୍ୟର ସମ୍ପୂର୍ଣ୍ଣ ବ୍ୟବହାର ହୋଇପାରୁ ନାହିଁ। ଯାହାକି ଜଙ୍ଗଲରେ ପଡି ନଷ୍ଟ ହେଉଛି। ତେଣୁ ଜିଲାରେ ପ୍ରକୃତି ପ୍ରଦତ୍ତ ଏସବୁର ସଦବ୍ୟବହାର ବ୍ୟବହାର ନିମନ୍ତେ ସରକାରଙ୍କ ପକ୍ଷରୁ କୌଣସି ଫୁଡ୍ ପ୍ରୋସେସିଙ୍ଗ ୟୁନିଟ୍ ସ୍ଥାପନ କରାଯିବା ଜରୁରି ହୋଇଛି। ଚାଷିମାନଙ୍କ ଦ୍ୱାରା ଉତ୍ପାଦନ କରାଯାଉଥିବା ପନିପରିବା ସମେତ ଟମାଟ ଭଳି ଜିନିଷକୁ ସଂରକ୍ଷିତ କରି ସେଥିରେ ଟମାଟ ସସ୍ ଓ ଜେଲି ଭଳି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଇ ପାରିବ। ଜିଲାରେ ବହୁ ପରିମାଣରେ ପଣସ ଗଛରୁ ପଡି ନଷ୍ଟ ହେଉଛି। ଏହାକୁ ଫୁଡ୍ ପ୍ରୋସେସିଙ୍ଗ ୟୁନିଟରେ ସଂରକ୍ଷିତ କରାଯାଇ ସେଥିରୁ ବର୍ଷସାରାର ଖାଦ୍ୟ ଉପଯୋଗୀ ଜିନିଷ ଉତ୍ପାଦନ କରାଯାଇ ପାରିବ। ଯାହାକି ପଡୋଶୀ ଆନ୍ଧ୍ରପ୍ରଦେଶରେ କରାଯାଉଛି। ସେହିପରି ଆମ୍ବରୁ ଆଚାର, ଆମ୍ବସଢା ଓ ଜୁସ୍ ଆଦି କରାଯାଇ ପାରିବ। ତଳେ ପଡି ନଷ୍ଟ ହେଉଥିବା ଜାମୁକୋଳିକୁ ସଂଗ୍ରହ କରି ବିଭିନ୍ନ ଔଷଧୀୟ ଜିନିଷ ମଧ୍ୟ ଉତ୍ପାଦନ କରାଯାଇପାରିବ। ଏଭଳି ଅନେକ ପ୍ରକାର ଫଳମୂଳକୁ ସଂଗ୍ରହ କରି ପ୍ରୋସେସିଙ୍ଗ କରାଗଲେ ଲୋକଙ୍କୁ ରୋଜଗାର ମିଳିପାରିବ।

### ପଡି ନଷ୍ଟ ହେଉଛି ଆମ୍ବ



ରାସ୍ତାରେ ପଡ଼ିଥିବା ଆମ୍ବ।

